## ଖାଉଟିମାନଙ୍କପାଇଁ ବିଦ୍ୟୁତ ବିତରଣ କମ୍ପାନୀମାନଙ୍କ ୨୦୦୮-୦୯ ମସିହାପାଇଁ ଶୁଳ୍କ ବୃଦ୍ଧି ପ୍ରସ୍ତାବ ବିଦ୍ୟୁତ ନିୟାମକ ଆୟୋଗଙ୍କଦ୍ୱାରା ଅଗ୍ରାହ୍ୟ - ପରନ୍ତୁ କୃଷିଭିତ୍ତିକ ଶିଳ୍ପପାଇଁ ଶୁଳ୍କରେ ପ୍ରାୟ ୭୫% ହ୍ରାସ

GRIDCO, OPTCL, OHPC ଏବଂ ବିଦ୍ୟୁତ ବିତରଣ କମ୍ପାନୀମାନେ ୨୦୦୮-୦୯ ମସିହା ପାଇଁ ବିଦ୍ୟୁତ ଶୁଳ୍କ ନିର୍ଦ୍ଧାରଣ ସକାଶେ ବିଦ୍ୟୁତ ନିୟାମକ ଆୟୋଗଙ୍କ ପାଖରେ ସେମାନଙ୍କର ପ୍ରସ୍ତାବ ଉପସ୍ଥାପନା କରିଥିଲେ । ଇତିମଧ୍ୟରେ ବିଦ୍ୟୁତ ନିୟାମକ ଆୟୋଗ ସେମାନଙ୍କ ଦରଖାସ୍ତ ଉପରେ ଜନସାଧାରଣଙ୍କଠାରୁ ମତାମତ ଲୋଡିଥିଲେ । ବିଦ୍ୟୁତ ବିତରଣ କମ୍ପାନୀମାନଙ୍କର ପ୍ରସ୍ତାବ, ତଥା ଜନସାଧାରଣଙ୍କର ମତାମତ ଇତ୍ୟାଦିକୁ ଆଖିରେ ରଖି ବିଦ୍ୟୁତ ନିୟାମକ ଆୟୋଗ ଏହାର ଶୁଣାଣି ତା ୩୧.୧.୨୦୦୮ ଠାରୁ ତା ୮.୨.୨୦୦୮ ମଧ୍ୟରେ କରିଥିଲେ । ଏଥିସକାଶେ ତା ୧୨.୨.୨୦୦୮ରେ ରାଜ୍ୟ ଉପଦେଷ୍ଟା କମିଟି (SAC) ସଦସ୍ୟ ମାନଙ୍କର ମତାମତ ମଧ୍ୟ ନିଆଯାଇଥିଲା ।

୨. ବିଦ୍ୟୁତ ବିତରଣ କମ୍ପାନୀ ମାନଙ୍କର ପ୍ରସ୍ତାବ, ଜନସାଧାରଣଙ୍କର ଆପତ୍ତି ଅଭିଯୋଗ, SAC ର ପରାମର୍ଶ ଇତ୍ୟାଦିକୁ ବିଚାରକରି ବିଦ୍ୟୁତ ନିୟାମକ ଆୟୋଗ ୨୦୦୮-୦୯ ମସିହାପାଇଁ ସବୁପ୍ରକାର୍ ଗ୍ରାହକମାନଙ୍କର ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଦ୍ୟୁତ ଶୁଳ୍କ ବୃଦ୍ଧି ନ କରିବାପାଇଁ ସ୍ଥିର କରିଛନ୍ତି । ପରନ୍ତୁ କୃଷିଭିତ୍ତିକ ଶିଳ୍ପଯଥା ଉଦ୍ୟାନକୃଷି, ମାଛ ଚାଷ, sericulture, ଶୀତଳଭଣ୍ଡାର ପ୍ରଭୃତି କ୍ଷେତ୍ରରେ ବିଦ୍ୟୁତ୍ ଶୁଳ୍କ ୨୦୦୭-୦୮ ମସିହାରେ ଇଉନିଟ୍ ପିଛା ହାରାହାରି ୩.୨୦ ଟଙ୍କାରୁ ୪.୫୦ ଟଙ୍କା ଥିଲାବେଳେ ବର୍ତ୍ତମାନ ୨୦୦୮-୦୯ ମସିହା ପାଇଁ ଏହାକୁ ହ୍ରାସ କରାଯାଇ ଟ୧.୦୦ ପ ରୁ ଟ୧.୧୦ ପ ମଧ୍ୟରେ ସୀମିତ ରଖାଯାଇଛି । ଏହି କୃଷିଭିତିକ ଆନୁସଙ୍ଗିକ ଶିଳ୍ପ ପାଇଁ ହାରାହାରି ୭୩ ରୁ ୭୫% ଶୁଳ୍କ ହ୍ରାସ କରାଯାଇଛି । ଏ ସମ୍ବନ୍ଧରେ ଇତିମଧ୍ୟରେ ବିଜ୍ଞପ୍ତି ପ୍ରକାଶକରାଯାଇଅଛି ।

୩. ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବିଦ୍ୟୁତ ସଂସ୍କାର କାର୍ଯ୍ୟକ୍ରମ ୧.୪.୧୯୯୬ ରେ ହାତକୁ ନେବାପୂର୍ବରୁ ଓ ତା ପରେ ପରେ ପ୍ରତି ୧ ବର୍ଷ କିମ୍ବା ୨ ବର୍ଷ ରେ ବିଦ୍ୟୁତ ଶୁଳ୍କ ବୃଦ୍ଧି କରାଯାଉଥିବା ସ୍ଥଳେ ୨୦୦୧ ମସିହା ପରଠାରୁ (last revision w.e.f. 1.2.2001) ବିଦ୍ୟୁତ ନିୟାମକ ଆୟୋଗ ବିଦ୍ୟୁତ ଶୁଳ୍କ ବୃଦ୍ଧିରେ କୌଣସି ପରିବର୍ତ୍ତନ କରିନାହାଁନ୍ତି । ଇତିମଧ୍ୟରେ କର୍ମଚାରୀମାନଙ୍କର ଦରମା, ପେନ୍ସନ୍ର ବୃଦ୍ଧି, ସୁଧ ଓ ମୂଳ ର ପରିଶୋଧ, ବିଜୁଳି ଲାଇନ ଏବଂ ଟ୍ରାନ୍ସଫରମର ମରାମତି ଇତ୍ୟାଦିର ସାମଗ୍ରିକ ମୂଲ୍ୟ ବୃଦ୍ଧି ଘଟିଥିଲେ ମଧ୍ୟ ବିଗତ ୭ ବର୍ଷ ମଧ୍ୟରେ ଘରୋଇ ଉପଭୋକ୍ତାଙ୍କ କ୍ଷେତ୍ରରେ ବିଦ୍ୟୁତ ଶୁଳ୍କ ର କୌଣସି ବୃଦ୍ଧି ଘଟି ନାହିଁ ।

୪. ଏଠାରେ ଗୋଟିଏ ମୁଖ୍ୟ ବିଷୟ ଉଲ୍ଲେଖ କରଯାଇପାରେଯେ, ୧୯୯୬-୯୭ ମସିହାଠାରୁ ୨୦୦୭-୦୮ ମସିହାପର୍ଯ୍ୟନ୍ତ ପାଇକାରୀ ମୂଲ୍ୟସୂଚୀ ବୃଦ୍ଧିର ହାର ୫-୬ ଶତାଂଶ ହୋଇଥିଲାବେଳେ ବିଦ୍ୟୁତଶୁଳ୍କ ୧.୨.୨୦୦୧ ପରଠାରୁ ମଧ୍ୟ ଅପରିବର୍ତ୍ତିତ ରହିଛି । କେବଳ ପାଇକାରୀ ମୂଲ୍ୟସୂଚୀ ବୃଦ୍ଧିକୁ ହିସାବକୁ ନେଲେ ୨୦୦୧ ମସିହାରେ ଯାହାର ଦାମ୍ ୧୦୦ ଟଙ୍କା ଥିଲା ୨୦୦୮-୦୯ ରେ ତାହାର ଦାମ୍ ପ୍ରାୟ ୧୪୨ ଟଙ୍କା ହେବା କଥା । ଅର୍ଥାତ ବୃଦ୍ଧିର ପରିମାଣ ୪୨ ଶତାଂଶ ହେବା କଥା । ମାତ୍ର ବିଦ୍ୟୁତ ଶୁଳ୍କ ୨୦୦୧-୦୨ ରୁ ୨୦୦୮-୦୯ ପର୍ଯ୍ୟନ୍ତ କୌଣସି ପରିବର୍ତ୍ତନ ହୋଇନାହିଁ । ଏହାର ଅର୍ଥ ହେଲା ପାଇକାରୀ ମୂଲ୍ୟସୂଚୀରେ ୨୦୦୧-୦୨ରେ ୩.୩୩%, ୨୦୦୨-୦୩ରେ ୩.୪୧%, ୨୦୦୩-

୦୪ରେ ୫.୪୬%, ୨୦୦୪-୦୫ରେ ୬.୪୮%, ୨୦୦୫-୦୬ରେ ୪.୪୩%, ୨୦୦୬-୦୭ରେ ୫.୪୨%, ୨୦୦୭-୦୮ରେ ୫.୪୨% ଏବଂ ୨୦୦୮-୦୯ରେ ୫% ହିସାବକୁ ନେଲେ ବିଦ୍ୟୁତ ଶୁଳ୍କର ପ୍ରକୃତ ମୂଲ୍ୟ ୨୦୦୧-୦୨ ମସିହା ତୁଳନାରେ ୨୯.୩୨% ଶତାଂଶ କମିଛି ବୋଲି କୁହାଯାଇପାରେ ।

୫. ବିଦ୍ୟୁତ ଶୁଳ୍କ ଅପରିବର୍ତ୍ତିତ ରଖିବା ସଙ୍ଗେସଙ୍ଗେ ବିଜୁଳି ଲାଇନ, ଟ୍ରାନ୍ସଫର୍ମର, ସବ-ଷ୍ଟେସନ, ଟ୍ରାନ୍ସମିସନ ଲାଇନ ଇତ୍ୟାଦିର ଠିକ ସମୟରେ ମରାମତି କରି ବିଦ୍ୟୁତ ସେବାର ମାନରେ ପର୍ଯ୍ୟାପ୍ତ ଉନ୍ନତି କରିବା ଆୟୋଗର ମୂଖ୍ୟ ଉଦେଶ୍ୟ । ଇତି ମଧ୍ୟରେ ବିଦ୍ୟୁତ ସେବାର ଉନ୍ନତି ଆଣିବା ପାଇଁ ଆୟୋଗ ଅବସରପ୍ରାପ୍ତ ବୈଦ୍ୟୁତିକ ଯନ୍ତ୍ରୀମାନଙ୍କୁ ନେଇ ଏକ ତଦନ୍ତ କମିଟି ଗଠନ କରିଛନ୍ତି। ଏହି କମିଟି ଇତିମଧ୍ୟରେ ଭୁବନେଶ୍ୱର, ପୁରୀ, କଟକ ଅଞ୍ଚଳରେ କେଉଁ କେଉଁ କାରଣରୁ ବିଭିନ୍ନ ସମୟରେ ବିଜୁଳି କଟିଯାଉଛି ବା ଲୋ-ଭୋଲ୍ଟେଜ୍ ହେଉଛି ତଦନ୍ତ କରି ଆୟୋଗଙ୍କୁ ରିପୋର୍ଟ ଦେଇଛନ୍ତି। ଏହି ସରଜମିନି ତନଖି କାର୍ଯ୍ୟ କଟକସଦର, ଆଠଗଡ, ସାଲେପୁର, କେନ୍ଦ୍ରପଡା, ମାର୍ଶାଘାଇ ଏବଂ ଜଗତସିଂହପୁର ଅଞ୍ଚଳରେ ଚାଲୁ ରହିଛି । ଏହା ବ୍ରହ୍ମପୁର, କଳାହାଣ୍ଡି, ଇତ୍ୟାଦିରେ ପରବର୍ତ୍ତି ସମୟରେ ସରଜମିନ ତଦନ୍ତ କରାଯାଇ ଏହାର ବିଧିବଧ କାର୍ଯ୍ୟାନୁଷ୍ଠାନ ନିଆଯିବବୋଲି ଆୟୋଗଙ୍କ ତରଫରୁ ପ୍ରକାଶ ।

୬. ବିଦ୍ୟୁତ୍ ବିତରଣ କମ୍ପାନୀମାନେ ଯାହା ବିଦ୍ୟୁତ ବାବଦକୁ ଆଦାୟ କରୁଛନ୍ତି , ତା ମଧ୍ୟରୁ ଗ୍ରୀଡକୋର ବିଦ୍ୟୁତ କ୍ରୟ ବାବଦକୁ, କର୍ମଚାରୀମାନଙ୍କର ଦରମା ଓ ପେନ୍‌ସନ, ମୂଳପରିଶୋଧ ତା ଉପରେ ସୁଧ, ଦୈନନ୍ଦିନ ରକ୍ଷଣାବେକ୍ଷଣ କରିବାକୁ ପଡୁଥିଲା ଏବଂ ଏଥିପାଇଁ ରକ୍ଷଣାବେକ୍ଷଣ ପାଇଁ ପ୍ରକୃତରେ ଦରକାର ମୁତାବକ ଅର୍ଥ ଉପଲବ୍ଧ ହେଉନଥିଲା । ଏଥିପାଇଁ ଆୟୋଗ Bulk Supply Price ରେ ସମାନ୍ୟ ପରିବର୍ତ୍ତନ କରିଛନ୍ତି। ରକ୍ଷଣାବେକ୍ଷଣ କାର୍ଯ୍ୟକ୍ରମ ପାଇଁ ଯେପରି ମାସକୁ ମାସ ବିଦ୍ୟୁତ ବିତରଣ କମ୍ପାନୀ ମାନେ ଏବାବଦରେ ଖର୍ଚ୍ଚକରିପାରିବେ ସେଥିପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଅଛି । କେଉଁ ବିତରଣ କମ୍ପାନୀମାନେ କେଉଁକେଉଁ ଠାରେ କି କି ପ୍ରକାର ରକ୍ଷଣାବେକ୍ଷଣ କାର୍ଯ୍ୟ କଲେ ଓ କେତେ ଟଙ୍କା ଖର୍ଚ୍ଚ କଲେ ଆୟୋଗ ତାହାର ତନଖି କଲା ପରେ Escrow account ରୁ ସେଥିପାଇଁ GRIDCO ଟଙ୍କା ଦେବ ବୋଲି ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି।ଏହା ଫଳରେ ବିଦ୍ୟୁତସେବାରେ ଆଖିଦୃଶିଆ ଉନ୍ନତି ଅଣାଯାଇପାରିବ ବୋଲି ଆୟୋଗ ଆଶାପୋଷଣ କରିଛନ୍ତି । ବିଶେଷକରି ଟ୍ରାନ୍ସଫରମର ପୋଡିକୁ ରୋକିବା ପାଇଁ ୩୦୦୦ ନୂଆ ଟ୍ରାନ୍ସଫରମର କିଣି ଲୋଡେଡ୍ ଟ୍ରାନ୍ସଫରମରକୁ ତୁରନ୍ତ ବଦଳାଯିବ । Substation ରକ୍ଷଣାବେକ୍ଷଣର ମାନ ଉନ୍ନତି ପାଇଁ switch gear ଚଳିତ ବର୍ଷ ଯଥେଷ୍ଟ ସଂଖ୍ୟାରେ ବସାଯିବ । ନିରାପତ୍ତା ପାଇଁ ସମସ୍ତ ୩୩/୧୧ KV substation ଏବଂ ବହୁ ସଂଖ୍ୟକ ଡିଷ୍ଟ୍ରିବୁସନ୍ ସବଷ୍ଟେସନର ପାଚେରୀ ତଥା ଫାଟକ ନିର୍ମାଣକୁ ଏପ୍ରିଲ୍ ୨୦୦୮ ମସିହା ଠାରୁ ବାଧ୍ୟତା ମୂଳକ କରାଯିବ ।

୭. ସେହିପରି ସବଷ୍ଟେସନ ତଥା ଉଚ୍ଚ ଶକ୍ତି ସମ୍ପନ୍ନ ଲାଇନ୍ ର ରକ୍ଷଣାବେକ୍ଷଣ ପାଇଁ କମିଶନ୍ ଗୁରୁତ୍ୱ ଆରୋପ କରି ପର୍ଯ୍ୟାପ୍ତ ପରିମାଣର ଅର୍ଥ ବ୍ୟବସ୍ଥା କରିଛନ୍ତି। OPTCL କେବଳ ଏ ସମସ୍ତ ଅର୍ଥ ବ୍ୟୟ କରିବା ଆବଶ୍ୟକ । OPTCL ଯେପରି ନିର୍ମାଣଧୀନ ବିଭିନ୍ନ ଲାଇନ୍, ଗ୍ରୀଡ ସବ-ଷ୍ଟେସନ ଗୁଡିକ ଠିକ ସମୟରେ ସମ୍ପୂର୍ଣ୍ଣ କରନ୍ତି ସେଥିପାଇଁ ମଧ୍ୟ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି ।ଏହି transmission line ମଧ୍ୟରେ କଟକର ବିଡାନାସୀ, ଫୁଲନଖରା, ବସ୍ତା, କରଞ୍ଜିଆ ଗ୍ରୀଡସବଷ୍ଟେସନ ଏବଂ ବଲାଙ୍ଗିର୍-ବୁଢିପଦର ଲାଇନ ଇତ୍ୟାଦି ମୂଖ୍ୟତଃ ଅର୍ନ୍ତଭୂକ୍ତ ।

୮.	ବିପୁଳ ବିଦ୍ୟୁତ ବିତରଣ ଜନିତ କ୍ଷତି ବିଦ୍ୟୁତ ସେବାର ଉନ୍ନତି ଆଣିବାରେ ଘୋର ଅନ୍ତରାୟ ସୃଷ୍ଟିକରୁଛି । ଲୋ ଭୋଲ୍‌ଟେଜ ଗ୍ରାହକ ଙ୍କ କ୍ଷେତ୍ରରେ ୧% ବିଦ୍ୟୁତ ବିତରଣ ଜନିତ କ୍ଷତି ହ୍ରାସ କରିପାରିଲେ ପ୍ରାୟ ୨୩ କୋଟି ଟଙ୍କା ଉପଲବ୍ଧ କରାଯାଇପାରିବ ।ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ୨୦୦୪-୦୫ ମସିହାରେ ବିଦ୍ୟୁତ ବିତରଣ କମ୍ପାନୀମାନେ କେବଳ ବିତରଣ ଜନିତ କ୍ଷତିର ପରିମାଣ ୩୯.୨୧% କରିଥିଲାବେଳେ, ୨୦୦୫-୦୬ ରେ ଏହା ୩୯.୫୯%, ୨୦୦୬-୦୭ ରେ ଏହା ୩୮.୫୯% ଥିଲା, ୨୦୦୭-୦୮ ରେ କ୍ଷତିର ପରିମାଣ ୨୭.୧୧% ରହିବବୋଲି ଆୟୋଗ ନିର୍ଦ୍ଦେଶ ଦେଇଥିବା ସ୍ଥଳେ ଏହା ଡିସେମ୍ବର୍, ୨୦୦୭ ମସିହା ସୁଦ୍ଧା ୩୭.୧% ହେବବୋଲି ଆପାତତଃ ହିସାବରୁ ଜଣାପଡୁଛି । ତେଣୁ ବିତରଣ କମ୍ପାନୀମାନେ ଏହି ବିତରଣ ଜନିତ କ୍ଷତି ଓ ବୈଷୟିକ କ୍ଷତିକୁ ଦୃଷ୍ଟାନ୍ତ ମୂଳକ ଭାବରେ କମାଇପାରିଲେ ବିଦ୍ୟୁତଶୁଳ୍କ ବୃଦ୍ଧି କରିବାରେ କୌଣସି ଯଥାର୍ଥତା ନାହିଁ ବୋଲି ଆୟୋଗ ତାଙ୍କ ଆଦେଶରେ ସ୍ପଷ୍ଟ କରିଦେଇଅଛନ୍ତି । ୨୦୦୭-୦୮ ମସିହାରେ ବିଦ୍ୟୁତ ନିୟାମକ ଆୟୋଗ ବିଦ୍ୟୁତ ବିତରଣ କ୍ଷତି ସାରା ଓଡିଶାପାଇଁ ହାରାହାରି ୨୭.୧୧% ଧାର୍ଯ୍ୟ କରିଥିଲାବେଳେ ମୋଟଉପରେ ଏହା ୨୦୦୭-୦୮ ରେ ଏହି କ୍ଷତି ୩୫.୬୫% ଏବଂ ୨୦୦୮-୦୯ ପାଇଁ ଏହା ୩୩.୩୭% ହେବବୋଲି ବିଦ୍ୟୁତ ବିତରଣ କମ୍ପାନୀମାନେ ମୋଟଉପରେ କ୍ଷତି ଆକଳନ କରିଛନ୍ତି । କିନ୍ତୁ ଆୟୋଗ ଏହି ବିପୁଳପରିମାଣର ବିଦ୍ୟୁତ ବିତରଣ କ୍ଷତିର୍ ପ୍ରସ୍ତାବ ଗ୍ରହଣ କରିନାହାନ୍ତି ଏବଂ ୨୦୦୮-୦୯ ମସିହାପାଇଁ ବିତରଣ କ୍ଷତି କୁ ୨୭% ରେ ସିମୀତ ରଖିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

୯.	ଏଥିମଧ୍ୟରୁ ସେସୁ କ୍ଷେତ୍ରରେ କେବଳ ବିତରଣ ଜନିତ କ୍ଷତି ୨୦୦୬-୦୭ ରେ ୪୩.୫୨% ଥିଲାବେଳେ ୨୦୦୭-୦୮ ରେ ଆୟୋଗ ୨୯.୩% ଧାର୍ଯ୍ୟ କରିଥିଲେ । କିନ୍ତୁ ଡିସେମ୍ବର୍, ୨୦୦୭ ସୁଧା ଏହା ୪୧.୧% ହୋଇଛି । ସେସୁ ୨୦୦୮-୦୯ ପାଇଁ ବିତରଣ ଜନିତ କ୍ଷତିର ପରିମାଣ ୩୭.୯୧% ପ୍ରସ୍ତାବ ଦେଇଥିଲାବେଳେ ଆୟୋଗ ଏ ବାବଦକୁ ୨୯.୩% ରୁ ଯେପରି ଅଧିକ ନ ହୁଏ ସେଥିପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

୧୦.	ସେହିପରି ନେସ୍କୋ କ୍ଷେତ୍ରରେ କେବଳ ବିତରଣ କ୍ଷତିର ପରିମାଣ ୨୦୦୬-୦୭ ମସିହାରେ ୩୩.୨୨% ଥିଲାବେଳେ ୨୦୦୭-୦୮ ମସିହାରେ ଏହା ୨୬.୦୧% ହେବବୋଲି ଆୟୋଗ ନିର୍ଦ୍ଦେଶ ଦେଇଥିଲେ , କିନ୍ତୁ ଡିସେମ୍ବର୍, ୨୦୦୭ ସୁଧା ଏହା ୩୦.୪%ରେ ପହଞ୍ଚିଛି ବୋଲି ଆକଳନ କରାଯାଇଛି । ଅପରପକ୍ଷରେ ନେସ୍କୋ ୨୦୦୮-୦୯ ପାଇଁ ବିତରଣ ଜନିତ କ୍ଷତି ୨୭.୬% ହେବ ବୋଲି ଆକଳନ କରିଥିଲାବେଳେ,ଆୟୋଗ ଏ ବାବଦରେ ୨୫.୫% ମଧ୍ୟରେ ସିମୀତ ରଖିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

୧୧.	ୱେସ୍କୋ କ୍ଷେତ୍ରରେ କେବଳ ବିତରଣ କ୍ଷତିର ପରିମାଣ ୨୦୦୬-୦୭ ରେ ୩୬.୩୬% ଥିଲାବେଳେ ୨୦୦୭-୦୮ ମସିହାରେ ଏହା ୨୫% ହ୍ରାସ କରିବା ଉଚିତ ବୋଲି ଆୟୋଗ ତାଙ୍କ ବିଦ୍ୟୁତ ଶୁଳ୍କ ଆଦେଶରେ ଧାର୍ଯ୍ୟ କରିଥିଲେ । କିନ୍ତୁ ଡିସେମ୍ବର୍, ୨୦୦୭ ସୁଧା ଏହା ୩୬% ରେ ପହଞ୍ଚିଛିବୋଲି ୱେସ୍କୋ ହିସାବ ଦର୍ଶାଉଛି । ଅପର୍‌ପକ୍ଷରେ ୱେସ୍କୋ ୨୦୦୮-୦୯ ପାଇଁ ବିଦ୍ୟୁତ ବିତରଣ ଜନିତ କ୍ଷତି ୩୧.୫% ଦର୍ଶାଇଥିଲା ବେଳେ ଆୟୋଗ ଏ ବାବଦ ରେ ୨୫% ରେ ସୀମିତ ରଖିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

୧୨.	ସାଉଥକୋ କ୍ଷେତ୍ରରେ ବିତରଣ କ୍ଷତି ର ପରିମାଣ ୪୩.୫୫% ଥିଲାବେଳେ ୨୦୦୭-୦୮ ମସିହାରେ ଏହା ୩୦.୪୨% ହେବାଉଚିତ୍ ବୋଲି ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି , କିନ୍ତୁ ଡିସେମ୍ବର ୨୦୦୭

ସୁଧା ଏହା ୪୫.୧%ରେ ପହଞ୍ଚିଛି । ଅପରପକ୍ଷରେ ସାଉଥକୋ ୨୦୦୮-୦୯ ପାଇଁ ବିଦ୍ୟୁତ୍ ବିତରଣ ଜନିତ କ୍ଷତିର ପରିମାଣ ୩୯.୩୧% ହେବବୋଲି ଆକଳନ କରିଥିଲାବେଳେ ଆୟୋଗ ଏହାକୁ ୩୦.୪% ରେ ସୀମିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

୧୩. ରାଜ୍ୟର ବିଦ୍ୟୁତ୍ କ୍ଷେତ୍ରର ଅନ୍ୟ ଏକ ମୁଖ୍ୟ ଅସୁବିଧା ହେଉଛି ଅନାଦାୟ ବିଜୁଳି ରାଜସ୍ୱ ଓ ବିଦ୍ୟୁତ୍ ଚୋରି । ବହୁ ଗ୍ରାହକ ବିଦ୍ୟୁତ୍ ଦେୟ ଦେଉନାହାନ୍ତି ଓ ଲାଇସେନ୍‌ସି ଲାଇନ୍ କାଟୁନାହାନ୍ତି । ଏଥିପାଇଁ କମିଶନ୍ ଫ୍ରାଞ୍ଚାଇଜ୍‌ର ଉପଯୋଗ କରିବା ପାଇଁ ମସୁଧା କରୁଛନ୍ତି । ଏତଦ୍ ବ୍ୟତୀତ, ଯେଉଁମାନେ ବିଦ୍ୟୁତ୍ ଶକ୍ତି ଚୋରି କରୁଛନ୍ତି ଓ ଯେଉଁ କର୍ମଚାରୀ ବା ବ୍ୟକ୍ତିବିଶେଷ ଏଥିରେ ସାହାଯ୍ୟ କରୁଛନ୍ତି, ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ କରିବା ପାଇଁ ରାଜ୍ୟ ସରକାର ପୋଲିସ୍ ସହାୟତା ଯୋଗାଇଦେବା ଉପରେ ଆୟୋଗ ଗୁରୁତ୍ୱ ଆରୋପ କରିଛନ୍ତି ।

୧୪. ବିଦ୍ୟୁତ ବିତରଣ କ୍ଷତି ଏବଂ ବିଦ୍ୟୁତ ଚୋରୀ ଜନିତ କ୍ଷତିକୁ ଦୃଷ୍ଟାନ୍ତମୂଳକ ଭାବରେ କମାଇବା ସଙ୍ଗେ ସଙ୍ଗେ ବିଦ୍ୟୁତ ସେବାମାନରେ ଯେପରି ଉନ୍ନତି ଅଣାଯାଇପାରିବ ଏବଂ ବିଦ୍ୟୁତ୍ ଉପଭୋକ୍ତା ମାନେ ଯେପରି ଏହି ସେବାରେ ସନ୍ତୁଷ୍ଟ ହେବେ ସେଥିପାଇଁ ନିର୍ଦ୍ଦିଷ୍ଟ ପଦକ୍ଷେପ ନେବାକୁ ଆୟୋଗ ତାଙ୍କ ବିଦ୍ୟୁତ ଶୁଳ୍କ ଆଦେଶରେ ନିର୍ଦ୍ଦେଶ ଦେବା ସଙ୍ଗେ ସଙ୍ଗେ କିପରି କାର୍ଯ୍ୟକାରୀ ହେବ ସମୀକ୍ଷା କରିବାକୁ ସ୍ଥିର କରିଛନ୍ତି । ମୋଟ ଉପରେ ୨୦୦୮-୦୯ ମସିହାପାଇଁ ଯେଉଁ ଭଳି ଭାବରେ ବିଦ୍ୟୁତ ଶୁଳ୍କ ଧାର୍ଯ୍ୟ କରାଯାଇଛି ବିଦ୍ୟୁତ ଯୋଗାଣରେ ଯେପରି ଆଖିଦୃଶିଆ ଉନ୍ନତି ଅଣାଯାଇପାରିବ ସେଥିପାଇଁ ନିର୍ଦ୍ଦିଷ୍ଟ ପଦକ୍ଷେପ ନେବାକୁ ଆୟୋଗ ତଙ୍କ ଶୁଳ୍କ ଆଦେଶରେ ସୂଚନା ଦେଇଛନ୍ତି ।

୧୫. ବିଦ୍ୟୁତ୍ ବିତରଣ ଓ ବୈଷୟିକ କ୍ଷତି କମାଇବା ପାଇଁ ବିତରଣ କମ୍ପାନୀମାନେ ଯେପରି ଭାବରେ ପଦକ୍ଷେପ ନେବା କଥା ସେହିପରି ନେଇନଥିବାରୁ ଓ ଗ୍ରାହକ ମାନଙ୍କୁ ସନ୍ତୁଷ୍ଟ କଲାପରି ସେବା ଯୋଗାଇ ଦେଉନଥିବାରୁ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ କାରଣରୁ ସେମାନେ ଦେଇଥିବା ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରସ୍ତାବକୁ ବିଦ୍ୟୁତ ନିୟାମକ ଆୟୋଗ ଅଗ୍ରାହ୍ୟ କରିଦେଇଛନ୍ତି ।